# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 24 January - 2025

### News Editor : *Itishree Singh Rathaur*

**********************************

## ମୁଖ୍ୟ ସମ୍ବାଦ

- ଚଳିତବର୍ଷ ରାଜ୍ୟରେ ୪୦ ହଜାର ନିଯୁକ୍ତି ଦିଆଯିବ; କହିଲେ, ମୁଖ୍ୟମନ୍ତ୍ରୀ

— ଭୁବନେଶ୍ୱରରେ ଅନୁଷ୍ଠିତ ହେଲା, ପ୍ରାକ୍ ବଜେଟ୍ ପରାମର୍ଶ ବୈଠକ

- ରାଜ୍ୟରେ ଆରମ୍ଭ ହେଲା ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ସର୍ଭେ କାର୍ଯ୍ୟ

- ଆଗାମୀ ଦିନରେ ତଟ ସୁରକ୍ଷା ଏବଂ ପୁଲିସ୍ ଅଧିକାରୀଙ୍କୁ ନେଇ ସ୍ୱତନ୍ତ୍ର ବୋର୍ଡ ଗଠନ କରାଯିବ; ସୂଚନା ଦେଲେ ପୁଲିସ୍ ମହାନିର୍ଦ୍ଦେଶକ

ଏବଂ

- କଟକ ବାରବାଟୀ ଷ୍ଟାଡିୟମ୍‌ରେ ହେବାକୁ ଥିବା ଭାରତ-ଇଂଲଣ୍ଡ ମ୍ୟାଚ୍ ପାଇଁ ଆସନ୍ତା ୫ ତାରିଖରୁ କାଉଣ୍ଟରରେ  ଟିକେଟ୍ ବିକ୍ରି

## ପ୍ରାକ୍ ବଜେଟ୍ ପ୍ରସ୍ତୁତି ବୈଠକ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଭୁବନେଶ୍ୱର ଲୋକସେବା ଭବନରେ ପ୍ରାକ୍-ବଜେଟ୍ ପରାମର୍ଶ ବୈଠକ ଅନୁଷ୍ଠିତ ହୋଇଛି। ବୈଠକ ପରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଚଳିତବର୍ଷ ରାଜ୍ୟ ସରକାର ୪୦ ହଜାର ନିଯୁକ୍ତି ଦେବେ। ଆଗାମୀ ୨ ବର୍ଷ ମଧ୍ୟରେ ୬୫ ହଜାରରୁ ଅଧିକ ପଦବୀ ପୂରଣ କରାଯିବ। ବିଶେଷକରି, ଆଇ.ଟି., ପେଟ୍ରୋ କେମିକାଲ୍ ଏବଂ ଆଗ୍ରୋ ଇଣ୍ଡଷ୍ଟ୍ରିକୁ ଗୁରୁତ୍ୱ ଦିଆଯିବ। ମୁଖ୍ୟମନ୍ତ୍ରୀ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ଜନସାଧାରଣଙ୍କୁ ବଜେଟ୍ ସମ୍ପର୍କିତ ମତାମତ ଦେବାପାଇଁ ଆହ୍ୱାନ ଦେଇଛନ୍ତି।

**- V/O -**

ବୈଠକରେ ଅର୍ଥନୈତିକ ବିଶେଷଜ୍ଞ, ପୂର୍ବତନ ଅର୍ଥମନ୍ତ୍ରୀ ଏବଂ ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷମାନେ ଯୋଗଦେଇଥିଲେ। ୨୦୨୫-୨୬ ଆର୍ଥିକ ବର୍ଷପାଇଁ ଆସନ୍ତାମାସ ୧୩ ତାରିଖରୁ ଆରମ୍ଭ ହେବାକୁ ଥିବା ବିଧାନସଭା ଅଧିବେଶନରେ ବଜେଟ୍ ଉପସ୍ଥାପନ କରାଯିବ। ଗୃହରେ ୧୭ ତାରିଖରେ ଅର୍ଥ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ବଜେଟ୍ ଉପସ୍ଥାପନ କରିବେ ।

## ପି.ଏମ୍. ଆବାସ ଯୋଜନା ସର୍ଭେ

**ପୁରୀ** ଜିଲ୍ଲା ପିପିଲି ବ୍ଲକ୍ ଅର୍ଜୁନସିଂପୁର ଗ୍ରାମରୁ ପ୍ରଧାନମନ୍ତ୍ରୀ ଆବାସ ଗ୍ରାମୀଣ ଯୋଜନାର ସର୍ଭେ କାର୍ଯ୍ୟକୁ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ ଆଜି ଶୁଭାରମ୍ଭ କରିଛନ୍ତି। ଏହି ପରିପ୍ରେକ୍ଷୀରେ ମନ୍ତ୍ରୀ ଶ୍ରୀ ନାଏକ

ଅର୍ଜୁନସିଂପୁର ଗ୍ରାମର ୫ ଜଣ ହିତାଧିକାରୀଙ୍କୁ ଆବାସ ତାଲିକାରେ ଅନ୍ତର୍ଭୁକ୍ତ କରିଛନ୍ତି। ରାଜ୍ୟରେ ଥିବା ସମସ୍ତ ଗରିବ, ବାସହରା ଲୋକମାନଙ୍କୁ ଏହି ଯୋଜନା ମାଧ୍ୟମରେ ଘର ପ୍ରଦାନ କରାଯିବ। ବାତ୍ୟା ଫନୀରେ ବାସ ହରାଇଥିବା ଲୋକଙ୍କୁ ଚୟନ କରାଯାଇ ଘର ଯୋଗାଇ ଦିଆଯିବ ବୋଲି ମନ୍ତ୍ରୀ କହିଛନ୍ତି।

ପ୍ରଥମଥର ପାଇଁ ଆର୍ଥିକ ଦୁର୍ବଳ ଶ୍ରେଣୀର ଲୋକ ନିଜେ ଏହି ଯୋଜନାରେ ସାମିଲ ହେବା ପାଇଁ ସ୍ୱତନ୍ତ୍ର ଆପ୍ ସହ ଆବାସ ଯୋଜନା ସମ୍ପର୍କିତ ସହାୟତାପାଇଁ ସରକାରଙ୍କ ପକ୍ଷରୁ ହେଲ୍ପଲାଇନ୍ ନମ୍ବର ୦୬୭୪-୬୮୧୭୭୭୭ ଜାରି କରାଯାଇଛି।

ପ୍ରାୟ ୧୪ ହଜାର ଅଧିକାରୀ ଓ କର୍ମଚାରୀ ଏହି ସର୍ଭେ କାର୍ଯ୍ୟ ତଦାରଖ କରିବେ। ସର୍ଭେକାର୍ଯ୍ୟରେ ତ୍ରୁଟି ହେଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ନାୟକ କହିଛନ୍ତି।

## ଯୋଗେଶ ଖୁରାନିଆ-ସାକ୍ଷାତ

ଭୁବନେଶ୍ୱରସ୍ଥିତ ଡିଜିପି କ୍ୟାମ୍ପ କାର୍ଯ୍ୟାଳୟରେ ରାଜ୍ୟ ପୁଲିସ୍ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କୁ ପୂର୍ବ ସମୁଦ୍ରତଟର ପୋଷ୍ଟ ଗାର୍ଡ କମାଣ୍ଡର ଏଡିଜି ଡନି ମିଚେଲ୍ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ସାକ୍ଷାତ ସମୟରେ ଉପକୂଳ ସୁରକ୍ଷା ସମ୍ପର୍କରେ ଆଲୋଚନା ହୋଇଥିଲା। ଏହାସହ ଉପକୂଳ ଅଞ୍ଚଳରେ ଯୋର୍‌ଦାର ପାଟ୍ରୋଲିଂ, ଆକାଶମାର୍ଗରୁ ଗତିବିଧି ନିରୀକ୍ଷଣ ଏବଂ ଉପକୂଳ ନିୟନ୍ତ୍ରଣ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରାଯିବା ଉପରେ ଆଲୋଚନା ହୋଇଥିଲା। ବୈଠକ ପରେ ଶ୍ରୀ ଖୁରାନିଆ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ଆଗାମୀ ଦିନରେ ତଟ ସୁରକ୍ଷା ଏବଂ ଓଡ଼ିଶା ପୁଲିସ୍‌ର ଅଧିକାରୀଙ୍କୁ

ନେଇ ଏକ ସ୍ୱତନ୍ତ୍ର ବୋର୍ଡ ଗଠନ କରାଯିବ। ଏହି ଦୁଇ ବିଭାଗର ଅଧିକାରୀମାନେ ଉପକୂଳ ଅଞ୍ଚଳକୁ ଯାଞ୍ଚ କରିବେ। ଏହାସହ ତଟ ସୁରକ୍ଷା ବାହିନୀ ଏବଂ ଭାରତୀୟ ନୌବାହିନୀରେ କାର୍ଯ୍ୟକରି ଅବସର ଗ୍ରହଣ କରିଥିବା ଯବାନ୍‌ମାନଙ୍କୁ ଆଗାମୀ ଦିନରେ ମେରାଇନ୍ ଥାନାଗୁଡ଼ିକରେ ନିଯୁକ୍ତି ଦିଆଯିବ ବୋଲି ଶ୍ରୀ ଖୁରାନିଆ କହିଛନ୍ତି।

## ବକ୍ସି - ପୁଣ୍ୟତିଥି

ମହାନ୍ ବିପ୍ଳବୀ ସହିଦ୍ ବକ୍ସି ଜଗବନ୍ଧୁଙ୍କ ପୁଣ୍ୟତିଥିରେ ଆଜି ଭୁବନେଶ୍ୱର ସଂଗ୍ରହାଳୟ ଛକଠାରେ ବକ୍ସି ଜଗବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ସମାଜର ବିଭିନ୍ନ ବର୍ଗର ଲୋକମାନେ ପୁଷ୍ପମାଲ୍ୟ ଅର୍ପଣ କରିଛନ୍ତି। **ମୁଖ୍ୟମନ୍ତ୍ରୀ** ମୋହନ ଚରଣ ମାଝୀ ପାଇକ ବିଦ୍ରୋହର ମୁଖ୍ୟ ପୁରୋଧା ବକ୍ସି ଜଗବନ୍ଧୁଙ୍କ ବୀରତ୍ୱର ଗାଥା ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ ବୋଲି ସାମାଜିକ ଗଣମାଧ୍ୟମରେ କହିଛନ୍ତି। କେନ୍ଦ୍ର ଶିକ୍ଷାମନ୍ତ୍ରୀ **ଧର୍ମେନ୍ଦ୍ର ପ୍ରଧାନ** ମହାନ ସ୍ୱାଧୀନତା ସଂଗ୍ରାମୀ ବକ୍ସି ଜଗବନ୍ଧୁଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ବକ୍ସି ଜଗବନ୍ଧୁଙ୍କ ଅଦମ୍ୟ ସାହସ, ତ୍ୟାଗ ଓ ବଳିଦାନକୁ ତାଙ୍କ ପୁଣ୍ୟତିଥିରେ **ଉପମୁଖ୍ୟମନ୍ତ୍ରୀ** ପ୍ରଭାତୀ ପରିଡା ସ୍ମୃତିଚାରଣ କରିଛନ୍ତି।

ଏହି ପରିପ୍ରେକ୍ଷୀରେ ଜୟଦେବ ଭବନରେ ସନ୍ଧ୍ୟାରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇଛନ୍ତି।

## ଟିକେଟ୍ ବିକ୍ରି

କଟକ ବାରବାଟୀ ଷ୍ଟାଡିୟମ୍‌ରେ ଆସନ୍ତାମାସ ୯ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଭାରତ-ଇଂଲଣ୍ଡ ଦିବାରାତ୍ର ମ୍ୟାଚ୍ ପାଇଁ ଆସନ୍ତା ୨ ତାରିଖରେ

ଅନ୍‌ଲାଇନ୍‌ରେ ଟିକେଟ୍ ବିକ୍ରି ହେବ। ଅନ୍‌ଲାଇନ୍‌ରେ ୪ ହଜାର ଟିକେଟ୍ ବିକ୍ରି ହେବ। ସେହିଭଳି ୫ ଓ ୬ ତାରିଖରେ କାଉଣ୍ଟରରେ ଟିକେଟ୍ ବିକ୍ରି ହେବ ବୋଲି କ୍ରୀଡା ଓ ଯୁବବ୍ୟାପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସୂଚନା ଦେଇଛନ୍ତି।

## କେନ୍ଦ୍ରୀୟ ରିଜର୍ଭ ପୁଲିସ୍ ବଳ

**କଳାହାଣ୍ଡି** ଜିଲ୍ଲା ୬୪ ବାଟାଲିୟନ୍ କେନ୍ଦ୍ରୀୟ ରିଜର୍ଭ ପୁଲିସ୍ ବଳ କାର୍ଯ୍ୟାଳୟଠାରେ ନେହେରୁ ଯୁବକେନ୍ଦ୍ର ଓ ୬୪ ବାଟାଲିୟାନ କେନ୍ଦ୍ରୀୟ ରିଜର୍ଭ ପୁଲିସ୍ ବଳ ପକ୍ଷରୁ ୧୬ତମ ଜନଜାତି ଯୁବ ଆଦାନପ୍ରଦାନ କାର୍ଯ୍ୟକ୍ରମର ଅଷ୍ଟମ ପର୍ଯ୍ୟାୟ ଯାତ୍ରା ଆରମ୍ଭ ହୋଇଛି। କେନ୍ଦ୍ରୀୟ ରିଜର୍ଭ ପୁଲିସ୍ କମାଣ୍ଡାଣ୍ଟ ପଙ୍କଜ ଚୌଧୁରୀ ପତାକା ଦେଖାଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଜିଲ୍ଲାର ଭବାନୀପାଟଣା ଓ ମଦନପୁର, ରାମପୁର ବ୍ଲକ୍ ଅଞ୍ଚଳର ୬୦ ଜଣ ଯୁବକଯୁବତୀ ଆଦାନ ପ୍ରଦାନ କାର୍ଯ୍ୟକ୍ରମରେ ଭୁବନେଶ୍ୱର ଯାତ୍ରା କରିଛନ୍ତି।

## ସାଧାରଣତନ୍ତ୍ର ଦିବସ ନିମନ୍ତ୍ରଣ

ଚଳିତ ବର୍ଷ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ନୂଆଦିଲ୍ଲୀରେ ଅନୁଷ୍ଠିତ ହେବାକୁ ଥିବା ଜାତୀୟସ୍ତରୀୟ ସମାରୋହରେ ଦେଶର ବିଭିନ୍ନ ପ୍ରାନ୍ତରୁ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ବ୍ୟକ୍ତିବିଶେଷଙ୍କୁ ନିମନ୍ତ୍ରଣ କରାଯାଇଛି। ଭୁବନେଶ୍ୱରର ଶିଳ୍ପୀଗୁରୁ ପଦ୍ମଶ୍ରୀ ପ୍ରଭାକର ମହାରଣାଙ୍କୁ ମଧ୍ୟ ନିମନ୍ତ୍ରଣ ମିଳିଛି। ଶ୍ରୀ ମହାରଣା ଏଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି....

**- V/O -**

# କନ୍ୟା ଦିବସ

ଉଜ୍ଜ୍ୱଳ ଭବିଷ୍ୟତ ପାଇଁ କନ୍ୟାମାନଙ୍କର ସଶକ୍ତୀକରଣ ବାର୍ତ୍ତା ଏବଂ ସମାଜରେ ଝିଅମାନଙ୍କ ଅଧିକାର, ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ସୁରକ୍ଷା ଦିଗରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ଜାତୀୟ କନ୍ୟାଦିବସ ପାଳନ କରାଯାଉଛି । ଏହି ଅବସରରେ ରାଜ୍ୟ ଓ ଜିଲ୍ଲାସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି। କନ୍ୟାସନ୍ତାନଙ୍କୁ ସଶକ୍ତ କରିବା, ଉତ୍ତମ ଶିକ୍ଷା, ପ୍ରଯୁକ୍ତିବିଦ୍ୟା, ଦକ୍ଷତା ଓ ସ୍ୱାସ୍ଥ୍ୟସେବା ପ୍ରଦାନ ଦିଗରେ ଜାତୀୟ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ୨୦୦୮ ମସିହାରୁ ଏହି ଦିବସ ପାଳନ କରାଯାଉଛି।

**ବୌଦ୍ଧ** ଟାଉନ୍‌ହଲ୍‌ଠାରେ ଜିଲ୍ଲା ପ୍ରଶାସନ, ଶିକ୍ଷା, ସ୍ୱାସ୍ଥ୍ୟବିଭାଗ ଓ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ପକ୍ଷରୁ ଜିଲ୍ଲାସ୍ତରୀୟ ଜାତୀୟ ଶିଶୁକନ୍ୟା ଦିବସ ଓ ବେଟି ବଚାଓ-ବେଟି ପଢ଼ାଓ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ବୌଦ୍ଧ ବିଧାୟକ ସରୋଜ କୁମାର ପ୍ରଧାନ, ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା ପ୍ରମୁଖ ଯୋଗଦେଇ କନ୍ୟାମାନଙ୍କ ସୁରକ୍ଷା ପାଇଁ ସମସ୍ତେ ସଚେତନ ହେବାକୁ ପରାମର୍ଶ ଦେଇଥିଲେ।

**ରାୟଗଡ଼ା**ଠାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ମହିଳା ମହାବିଦ୍ୟାଳୟଠାରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଛାତ୍ରୀମାନଙ୍କ ପକ୍ଷରୁ ଏକ ସାଇକେଲ ସଚେତନତା ରାଲି ଆୟୋଜିତ ହୋଇଥିଲା।

**ଢେଙ୍କାନାଳ**ଠାରେ ଜାତୀୟ କନ୍ୟାସନ୍ତାନ ଦିବସ ଉପଲକ୍ଷେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସୁପରିଟେଣ୍ଡେଣ୍ଟ ଡାକ୍ତର ରଞ୍ଜନ ସାମଲ ଏକ ସଚେତନତା ରଥର ଉଦ୍‌ଘାଟନ କରିଛନ୍ତି। ରଥଟି ଜିଲ୍ଲାର ୮ଟି ବ୍ଲକ୍‌ର ବିଭିନ୍ନ ଗାଁ ବୁଲି କନ୍ୟା ସନ୍ତାନଙ୍କ ସୁରକ୍ଷାର ବାର୍ତ୍ତା ପ୍ରଚାର କରିବ।

## କବି ସମ୍ମେଳନ

ସାଧାରଣତନ୍ତ୍ର ଦିବସ ଅବ୍ୟବହିତ ପୂର୍ବରୁ ଆସନ୍ତାକାଲି ରାତି ୧୦ଟା ସମୟରେ ସର୍ବଭାଷା କବି ସମ୍ମେଳନ ୨୦୨୫ର ଓଡ଼ିଆ ଭାଷାନ୍ତର ଆକାଶବାଣୀ କଟକ କେନ୍ଦ୍ରରୁ ପ୍ରସାରଣ କରାଯିବ। ସମ୍ବିଧାନ ସ୍ୱିକୃତ ୨୨ଟି ଭାରତୀୟ ଭାଷାର ମନୋନୀତ କବିଙ୍କ କବିତାକୁ ଓଡ଼ିଆରେ ଅନୁବାଦ କରି ରାଜ୍ୟର ପ୍ରତିଷ୍ଠିତ କବିମାନେ ଆବୃତ୍ତି କରିଛନ୍ତି।

## ନିଷ୍ଠା ତାଲିମ୍

**ଗଞ୍ଜାମ** ଜିଲ୍ଲା ସମଗ୍ର ଶିକ୍ଷା ଅନ୍ତର୍ନିବେଶୀ ଶିକ୍ଷା ବିଭାଗ ପକ୍ଷରୁ ଦିବ୍ୟାଙ୍ଗ ଶିକ୍ଷାର୍ଥୀମାନଙ୍କ ଶାରୀରିକ, ମାନସିକ ଓ ବୌଦ୍ଧିକ ବିକାଶ ନିମନ୍ତେ ଆୟୋଜିତ ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କ 'ନିଷ୍ଠା' ତାଲିମ୍ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଛି। କାର୍ଯ୍ୟକ୍ରମରେ ଦିବ୍ୟାଙ୍ଗ ଶିକ୍ଷାର୍ଥୀମାନଙ୍କ ପାଇଁ ବିବିଧତାପୂର୍ଣ୍ଣ ଅନ୍ତର୍ନିବେଶୀ ଶିକ୍ଷା, କ୍ରୀଡା ଓ ଯୋଗଶିକ୍ଷା ଆଦି ବିଷୟରେ ଆଲୋଚନା କରାଯାଇଥିଲା। ୨ଟି ପର୍ଯ୍ୟାୟରେ ଅନୁଷ୍ଠିତ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ୧୧୦ ଜଣ ଶିକ୍ଷକ-ଶିକ୍ଷୟିତ୍ରୀ ଅଂଶଗ୍ରହଣ କରିଥିଲେ।

## ଜିଲ୍ଲା ପରିଷଦ ବୈଠକ

**ଭଦ୍ରକ**ଠାରେ ଜିଲ୍ଲା ପରିଷଦର ସପ୍ତମ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ଅଶୋକ ଦାସ,

ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ପ୍ରମୁଖ ଯୋଗଦେଇ ଚାଷୀଙ୍କ ଧାନବିକ୍ରି ସମସ୍ୟା, ଜିଲ୍ଲାର ସ୍ୱାସ୍ଥ୍ୟ, ଶିକ୍ଷା ଓ ଗମନାଗମନ ଆଦି ଉନ୍ନୟନମୂଳକ ଯୋଜନାର ଅଗ୍ରଗତି ଉପରେ ଆଲୋଚନା କରିଥିଲେ ।

## ଶପଥପାଠ

**ବୌଦ୍ଧ**ଠାରେ ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଭୋଟ ସଚେତନତା ଶପଥପାଠ ଉତ୍ସବ ଅନୁଷ୍ଠିତ ହୋଇଛି । ଏହି ଅବସରରେ ଜିଲ୍ଲାପାଳ ସମସ୍ତଙ୍କୁ ଭୋଟ ସଚେତନତା ନେଇ ଶପଥପାଠ କରାଇଥିଲେ ।

## ଆଇନ୍ ସଚେତନତା

ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ପକ୍ଷରୁ କିନ୍ନରମାନଙ୍କୁ ନେଇ ଆଇନ୍ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । କାର୍ଯ୍ୟକ୍ରମରେ ବିଭାଗୀୟ ଅଧିକାରୀମାନେ ଯୋଗଦେଇ କିନ୍ନରମାନଙ୍କ ନିମନ୍ତେ ରହିଥିବା ଆଇନର ବିଭିନ୍ନ ଦିଗ ସମ୍ପର୍କରେ ଆଲୋକପାତ କରିଥିଲେ ।

## ହକି ଇଣ୍ଡିଆ ଲିଗ୍

ହକି ଇଣ୍ଡିଆ ଲିଗ୍‌ରେ ରାଞ୍ଚି ଜୟପାଲ ସିଂ ମୁଣ୍ଡା ହକି ଷ୍ଟାଡିୟମ୍‌ରେ ମହିଳା ବର୍ଗରେ ସୁର୍‌ମା ହକି କ୍ଲବ୍ ଓ ବେଙ୍ଗଲ୍ ଟାଇଗର୍ସ ମଧ୍ୟରେ ମ୍ୟାଚ୍ ଜାରି ରହିଛି ।

ପୁରୁଷବର୍ଗରେ ଅନ୍ୟଏକ ମ୍ୟାଚ୍ ରାତି ୮ଟା ୧୫ ମିନିଟ୍‌ରେ ବେଙ୍ଗଲ୍ ଟାଇଗର୍ସ ଓ କଳିଙ୍ଗ ଲାନ୍ସର୍ସ ମଧ୍ୟରେ ଅନୁଷ୍ଠିତ ହେବ ।